# ଏମସ୍ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ

# ନୀତିନିୟମ

1. ଆଡମିସନ୍ ପରେ ପ୍ରତ୍ୟେକ ଛାତ୍ର/ଛାତ୍ରୀ ଛାତ୍ର/ଛାତ୍ରୀ ବାସ ନିବାସରେ ରହିବା ବାଧ୍ୟତାମୂଳକ, ଯେହେତୁ ଏହା ଏକ ସଂପୂର୍ଣ୍ଣ ଆବାସିକ ମହାବିଦ୍ୟାଳୟ ଅଟେ । କୌଣସି ଛାତ୍ର/ଛାତ୍ରୀ ଙ୍କୁ କଲେଜ କେମ୍ପସ୍ ବାହାରେ ରହିବାକୁ ଅନୁମତି ଦିଆଯିବ ନାହିଁ ।
2. କୌଣସି ପାରିବାରିକ ଉତ୍ସବ ଯେପରିକି ପାରିବାରିକ ବନ୍ଧୁମିଳନ,ଜନ୍ମଦିନ,ବିବାହ ବାର୍ଷିକୀ ଆଦିରେ ଛାତ୍ର/ଛାତ୍ରୀ ମାନେ ସେମାନଙ୍କ ଘରକୁ ଯାଇପାରିବେ ନାହିଁ ।
3. କୌଣସି ଛାତ୍ର/ଛାତ୍ରୀ ବିନା କାରଣରେ କଲେଜ ଖୋଲିବା ପରେ କିମ୍ବା ଅଧ୍ୟକ୍ଷଙ୍କ ଅନୁମତି ନେଇ ଯେତେଦିନ ପାଇଁ ଛୁଟି ନେଇ ଠିକ ସମୟରେ ନା ଆସି ଛୁଟିରେ ରହେ ତେବେ ପ୍ରତ୍ୟେକ ଦିନ ୨୦୦ ଟଙ୍କା ଲେଖାଏଁ ଫାଇନ୍ ଚାର୍ଜ କରାଯିବ ।
4. କୌଣସି ଛାତ୍ର/ଛାତ୍ରୀ ବୈଦ୍ୟୁତିକ ଯନ୍ତ୍ରପାତି ଯଥା – ମୋବାଇଲ, ଆଇପଡ୍, ଏଫ ଏମ କେମେରା, ଡିଜିଟାଲ କେମେରା, ଏମରସନ ହୀଟର, ପେନଡ୍ରାଇଭ, ଟାବଲେଟ ଆଦି ବ୍ୟବହାର କରିପାରିବେ ନାହିଁ । ଯଦି କୌଣସି ଛାତ୍ର/ଛାତ୍ରୀ ଙ୍କ ଠାରୁ ଠାବ କରାଯାଏ, ତାହେଲେ ତାକୁ କଲେଜରୁ ବହିଷ୍କୃତ କରାଯିବ ।
   ବି. ଦ୍ର. ଜଣେ ଛାତ୍ର/ଛାତ୍ରୀ କେବଳ ଟେବୁଲ ଲ୍ୟାମ୍ପ ରଖିପାରିବେ ।
5. କୌଣସି ଛାତ୍ର/ଛାତ୍ରୀ ଯଦି କୌଣସି ପ୍ରକାରର ନିଶା ଦ୍ରବ୍ୟ ସେବନ କରେ ଏବଂ ଯଦି ତାହା କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଲେ ତାହା ଦଣ୍ଡନୀୟ ଅପରାଧ ବୋଲି ମନେକରାଯାଇ ତାହାକୁ ବିନା ବିଚାରବିମର୍ଶରେ କଲେଜରୁ ବାଧ୍ୟତାମୂଳକ ଟି.ସି. ଦେଇ ବିଦା କରାଯିବ ।
6. ଅଭିଭାବକ ମାନଙ୍କୁ ଅନୁରୋଧ ଯେ କୌଣସି ପ୍ରକାରର ଫାଷ୍ଟଫୁଡ୍ କିମ୍ବା ଜଙ୍କଫୁଡ୍ କୌଣସି ଛାତ୍ର/ଛାତ୍ରୀ ଙ୍କୁ ଦେବେ ନାହିଁ । କାରଣ ରବିବାର ଏବଂ ଅନ୍ୟ ଉତ୍ସବ ଆଦି ଦିନରେ ଏହା ଖାଇବାକୁ ଦିଆଯାଇଥାଏ । କେବଳ ସ୍ନାକ୍ସ (ବିସ୍କୁଟ, ଟୋଷ୍ଟ) ଆଦି ଦ୍ରବ୍ୟ ଦେଇପାରିବେ ।
7. ଅଭିଭାବକମାନେ ଛାତ୍ର/ଛାତ୍ରୀ ଙ୍କୁ ଭେଟିବା ସମୟରେ ଅନ୍ୟ ଛାତ୍ର/ଛାତ୍ରୀ ଙ୍କୁ ମୋବାଇଲ ଦେବା ମନା ।
8. କୌଣସି ଅଭିଭାବକ ଜନ୍ମଦିନ ଦିବସରେ କେକ୍ ଦେବାକୁ ଚାହିଁଲେ ସିକ୍ୟୁରିଟି ପାଖରେ ଜମା ଦେବାକୁ ଅନୁରୋଧ । ଏଥିପାଇଁ କଲେଜରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ।
9. ଏଠାରେ ରେଗିଙ୍ଗ ସଂପୂର୍ଣ୍ଣରୂପେ ନିଷେଧ ଅଟେ । କୌଣସି ବରିଷ୍ଠ/କନିଷ୍ଠ କିମ୍ବା ପୁଅ-ଝିଅ ମଧ୍ୟରେ କଥାବାର୍ତ୍ତା କରିବା ମନା । କୌଣସି ପରିସ୍ଥିତିରେ ଏହା କ୍ଷମଣୀୟ ନୁହେଁ ।
10. ଅଭିଭାବକ ଏବଂ ସ୍ଥାନୀୟ ଅଭିଭାବକଙ୍କୁ ଅନୁରୋଧ ଯେ ସେମାନେ ମାସକୁ ଦୁଇ ଥର ନିର୍ଦ୍ଧାରିତ ଦିନ ଗୁଡିକରେ ସେମାନଙ୍କ ପୁଅ-ଝିଅ ଙ୍କୁ ଭେଟି ପାରିବେ ।
11. ଅଭିଭାବକଙ୍କ ବୟସ ୩୦ରୁ ଅଧିକ ହେବା ଆବଶ୍ୟକ । ଫୋନରେ କଥାବାର୍ତ୍ତା ହେବାପାଇଁ କଲେଜ କର୍ତ୍ତୃପକ୍ଷ ସପ୍ତାହ ମଧ୍ୟରେ କୌଣସି ଦୁଇଦିନ ଧାର୍ଯ୍ୟ କରିବେ ।

12. ବାର୍ଷିକ ପରୀକ୍ଷା ସଂପୂର୍ଣ୍ଣ ନ ସରିବା ପର୍ଯ୍ୟନ୍ତ କୌଣସି ଛାତ୍ର/ଛାତ୍ରୀ ଙ୍କୁ ତାଙ୍କ ଘରକୁ ଯିବାପାଇଁ ଅନୁମତି ଦିଆଯିବ ନାହିଁ ।
13. କୌଣସି ଛାତ୍ର/ଛାତ୍ରୀ ନାମ କଟାଇବା ପାଇଁ ଅଭିଭାବକଙ୍କର ଦରଖାସ୍ତ କିମ୍ବା କଲେଜ କର୍ତ୍ତୃପକ୍ଷଙ୍କ ଅନୁମତି ଲୋଡ଼ିବା ଦରକାର ।
14. ସବୁ  ଛାତ୍ର/ଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଅନୁରୋଧ ଯେ, ଉପରୋକ୍ତ ନିୟମକାନୁନ ମାନିବେ । ଯଦି କେହି ଏହାର ଖିଲାପ କରନ୍ତି, କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାହାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
15. ଛାତ୍ର/ଛାତ୍ରୀ ଏବଂ ଅଭିଭାବକ ଏକ ନିର୍ଦ୍ଧାରିତ ଫର୍ମରେ ଏହି ନୀତିନିୟମ ଗୁଡ଼ିକୁ ପଢ଼ି ଦସ୍ତଖତ କରିବେ ।
16. ସମସ୍ତ ଛାତ୍ର/ଛାତ୍ରୀ କଲେଜ ସମୟରେ ୟୁନିଫର୍ମ ପିନ୍ଧିବା ବାଧ୍ୟତାମୂଳକ । ଝିଅମାନେ ସେଲ୍ୱାର,ପଞ୍ଜାବୀ ଏବଂ ଚୁଡ଼ିଦାର ପିନ୍ଧିବା ବାଧ୍ୟତାମୂଳକ । ଅତ୍ୟାଧୁନିକ ବସ୍ତ୍ର ଯଥା ସର୍ଟ-ଜୀନ୍ସ, ଟପ୍, ଆଦି ପିନ୍ଧି ପାରିବେ ନାହିଁ । ବାଳକମାନେ ଫୁଲପ୍ୟାଣ୍ଟ ଏବଂ ସାର୍ଟ ପିନ୍ଧିବା ଜରୁରୀ ।
17. ଥରେ ଫି' ପଇଠ ହେଲା ପରେ ଆଉ ଫେରସ୍ତ ହେବ ନାହିଁ ।
18. ଆଶା କରାଯାଉଛି ଯେ, ସମସ୍ତ ଅଭିଭାବକ/ଅଭିଭାବିକା ଉପର ବର୍ଣ୍ଣିତ ଶୃଙ୍ଖଳା ବଜାୟ ରଖି କଲେଜ ପରିସରରେ ଉଚ୍ଚକୋଟିର ପରିବେଶ ସୃଷ୍ଟି କରିବାରେ କଲେଜ କର୍ତ୍ତୃପକ୍ଷଙ୍କୁ ସହାୟକ ହେବେ ।

"ଧନ୍ୟବାଦ"

ଏମସ୍ ଯୁକ୍ତ ୨ ମହାବିଦ୍ୟାଳୟ

ପରିଚାଳନା କର୍ତ୍ତୃପକ୍ଷ